# ଓଡିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

******

ସଂଖ୍ୟା. RDM-LAC-SBP -0001-2022 - 32350 /R&DM ତାରିଖ 21 SEP 2024

## ଅଧିସୂଚନା

ଯେହେତୁ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act, 2013) ର ଧାରା ୧୧(୧) ଅନୁଯାୟୀ ଉପଯୁକ୍ତ ସରକାର "ଲକ୍ଷ୍ମୀ ଟକିଜ୍ ଛକରେ ଫ୍ଲାଏଓଭର ନିର୍ମାଣ" କାର୍ଯ୍ୟ ପାଇଁ ସମ୍ବଲପୁର ଜିଲ୍ଲାର ସମ୍ବଲପୁର ସଦର ତହସିଲ ଅଧୀନରେ ଥିବା ଗ୍ରାମ- **STU -05 ସାକ୍ଷୀଗୋପୀନାଥ** ଏବଂ ମୌଜା- **STU-04 ସମ୍ବଲପୁର** ରେ ଯଥାକ୍ରମେ **ଏକର ୦.୦୧୭** ଓ **ଏକର ୦.୦୦୨** ଭୂମି ଅଧିଗ୍ରହଣ ନିମନ୍ତେ ସୁନ୍ଦରଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦ୍ୱାରା ପ୍ରାଥମିକ ଅଧିସୂଚନା ବିଜ୍ଞପ୍ତି ସଂଖ୍ୟା. ୭୯୨ ତା ୦୧.୧୦.୨୦୨୨ ରିଖ ଜାରି କରାଇଛନ୍ତି ଓ ଏହାକୁ ଓଡିଶା ଗେଜେଟ୍ ର ଅସାଧାରଣୀୟ ବିଷୟଭିତ୍ତିକ ସଂଖ୍ୟା. 3034 ତା ୨୧.୧୦.୨୦୨୨ ରେ ପ୍ରକାଶ କରାଯାଇଛି ଏବଂ ଉକ୍ତ ଆଇନର ଧାରା ୧୯(୧) ଅନୁଯାୟୀ ଘୋଷଣା ଉପର ଉଲ୍ଲେଖିତ ଭୂମି ଅନୁସୂଚି ପାଇଁ ଏଯାବତ ଜାରି କରାଯାଇ ନାହିଁ ;

ଏବଂ ଯେହେତୁ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act, 2013) ର ଧାରା ୧୯ ର ଉପ-ଧାରା ୭ ଅନୁଯାୟୀ ଯେଉଁଠାରେ ପ୍ରାଥମିକ ଅଧିସୂଚନା ତାରିଖ ଠାରୁ ବାର ମାସ ମଧ୍ୟରେ ଧାରା ୧୯ ର ଉପ ଧାରା ୧ ଅନୁଯାୟୀ ଘୋଷଣା ଜାରି କରାଯାଇ ନାହିଁ, ତେବେ ସେହି ଅଧିସୂଚନା କୁ ରଦ୍ଦ କରାଯାଇଛି ବୋଲି ବିବେଚନା କରାଯିବ ଏବଂ ଧାରା ୧୯ ର ଉପ-ଧାରା ୭ ର ଦ୍ୱିତୀୟ ପ୍ରବଧାନ ଅନୁଯାୟୀ ବାର ମାସର ବୈଧତା ଅବଧି ବୃଦ୍ଧି ନିମନ୍ତେ ଉପଯୁକ୍ତ ସରକାରଙ୍କର କ୍ଷମତା ରହିବ, ଯଦି ଏହାର ମତରେ ବିଦ୍ୟମାନ ପରିସ୍ଥିତି ତାହାକୁ ସେଥିପାଇଁ ଯଥାର୍ଥତା ପ୍ରଦାନ କରୁଥିବ ;

ପୁନଶ୍ଚ ଯେହେତୁ ଇସ୍ପାତ ଏବଂ ଖଣି ବିଭାଗ ବାର ମାସର ଅବଧି ବୃଦ୍ଧି କରିବାପାଇଁ କାରଣ ସହିତ ଅନୁରୋଧ କରିଛନ୍ତି ଏବଂ ଉପଯୁକ୍ତ ସରକାର ମତ ଦେଇଛନ୍ତି ଯେ ଅନିଚ୍ଛାକୃତ ବିଳମ୍ବ ପାଇଁ ପରିସ୍ଥିତି ବିଦ୍ୟମାନ ଥିଲା;

ତେଣୁ, ବର୍ତ୍ତମାନ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act, 2013) ର ଧାରା ୧୯ ର ଉପ-ଧାରା ୭ ର ଦ୍ୱିତୀୟ ପ୍ରବଧାନରେ ପ୍ରଦାନ କରାଯାଇଥିବା କ୍ଷମତାକୁ ବ୍ୟବହାର କରି, ଏହିପରି ଏତଦ୍ୱାରା ରାଜ୍ୟ ସରକାର ଉପରୋକ୍ତ ଆଇନର ଧାରା ୧୯(୧) ଅନୁଯାୟୀ ଅଧିସୂଚନା ଜାରି ନିମନ୍ତେ ବୈଧ ଅବଧିକୁ ତା ୩୧.୧୦.୨୦୨୪ ରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ଦିଗନ୍ତ ରାଉତରାୟ

(ଦିଗନ୍ତ ରାଉତରାୟ)

ଅତିରିକ୍ତ ଶାସନସଚିବ

**Memo No. /** 32351 **R&DM, Dated** 21 SEP 2024

Copy forwarded to the Director, Printing Stationery and Publication, Odisha, Cuttack for information with a request to publish the same in the extraordinary issue of the Odisha Gazette and supply 5 spare copies to Revenue & DM Department/ Works Department/ Collector, Sambalpur/ Secretary to R.D.C (N.D), Sambalpur/ LAO, Sambalpur.

21.9.24

Deputy Secretary to Government

**Memo No. /** 32352 **R&DM, Dated** 21 SEP 2024

Copy forwarded to Works Department/ RDC (ND), Sambalpur for information and necessary action.

21.9.24

Deputy Secretary to Government

**Memo No. /** 32353 **R&DM, Dated** 21 SEP 2024

Copy forwarded to Collector, Sambalpur/ LAO, Sambalpur for information and necessary action.

21.9.24

Deputy Secretary to Government

**Memo No. /** 32354 **R&DM, Dated** 21 SEP 2024

Copy forwarded to e-Governance Cell, R&DM Department with a request to upload the same to the Department website.

21.9.24

Deputy Secretary to Government